# NATIONAL NEWS BULLETIN (ODIA)

## 24 July - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ବଜେଟ୍ ୨୦୨୪-୨୫ ଉପରେ ଲୋକସଭା ଓ ରାଜ୍ୟସଭାରେ ଜାରି ରହିଛି ଆଲୋଚନା ।

– ବଜେଟ୍‌ରେ ବିରୋଧୀଙ୍କ ପାତରଅନ୍ତର ଅଭିଯୋଗକୁ ଖଣ୍ଡନ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

- ଦେଶରେ କୋଇଲା ଖଣିର ଘରୋଇକରଣ କରାଯିବାର କୌଣସି ଯୋଜନା ନାହିଁ, କହିଲେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ।

- କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ନିଯୁକ୍ତି ଦେବା ନେଇ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ୍‌ରେ ମାଲେସିଆକୁ ୧୧୪ରନ୍‌ରେ ପରାସ୍ତ କଲା ବାଂଲାଦେଶ ।

– ଗ୍ରୁପ୍-ବିର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ଥାଇଲାଣ୍ଡ ମଧ୍ୟରେ ଚାଲିଛି ମୁକାବିଲା ।

## ଏଲ୍‌ଏସ୍-ବଜେଟ୍ ଡିସ୍‌କସନ୍

ଲୋକସଭାରେ କେନ୍ଦ୍ର ବଜେଟ୍ ୨୦୨୪-୨୫ ଉପରେ ଆଜି ଆଲୋଚନା ଆରମ୍ଭ ହୋଇଛି । ଏହି ଅବସରରେ କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ ଏବଂ କାଶ୍ମୀରର ବଜେଟ୍ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଛି । ଏଥିରେ ଭାଗ ନେଇ କଂଗ୍ରେସ ସଦସ୍ୟ କୁମାରୀ ଶୈଲେଜା କହିଛନ୍ତି, ଦେଶରେ ଦିନକୁ ଦିନ ବେକାରୀ ସମସ୍ୟା ବଢ଼ିବାରେ ଲାଗିଛି । କେନ୍ଦ୍ର ସରକାରୀ ବିଭାଗରେ ଖାଲି ପଡ଼ିଥିବା ପଦବି ଗୁଡ଼ିକ କାହିଁକି ପୂରଣ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ସେ ମଧ୍ୟ ହରିଆନାରେ ବେକାରୀ ସମସ୍ୟା ବୃଦ୍ଧି ପାଇଥିବା ବିଷୟ ଉଲ୍ଲେଖ କରିଛନ୍ତି । ଅଗ୍ନିବୀର ଯୋଜନା ନେଇ ସେ ସରକାରଙ୍କୁ ସମାଲୋଚନା କରିବା ସହ ଏହାକୁ ପ୍ରତ୍ୟାହାର କରିବା ନେଇ ଦାବି କରିଛନ୍ତି । ସେ କହିଛନ୍ତି, କେନ୍ଦ୍ରୀୟ ବଜେଟ୍‌ରେ କୃଷକ ଏବଂ ଶ୍ରମିକ ବର୍ଗଙ୍କୁ ଅଣଦେଖା କରାଯାଇଛି । ଏହି ଅବସରରେ ସେ କୃଷକମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍.ଏସ୍.ପି.କୁ ଆଇନ୍‌ଗତ ଗ୍ୟାରେଣ୍ଟି ଦେବା ଉପରେ ଜୋର୍ ଦେଇଥିବା

ବେଳେ ଦିନ ମଜୁରିଆଙ୍କ ସର୍ବନିମ୍ନ ମଜୁରୀ ୪୦୦ ଟଙ୍କାକୁ ଧାର୍ଯ୍ୟ କରିବା ଲାଗି ଦାବି କରିଛନ୍ତି ।

ବଜେଟ୍ ଆଲୋଚନାରେ ଭାଗ ନେଇ ବିଜେପିର ବିପ୍ଲବ କୁମାର ଦେବ କହିଛନ୍ତି, ୨୦୧୪ରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଭାରତର ଅର୍ଥନୈତିକ ସ୍ଥିତି ଅସ୍ୱାଭାବିକ ଅବସ୍ଥାରେ ଥିଲା । ହେଲେ ନରେନ୍ଦ୍ର ମୋଦୀ ସରକାର ଅର୍ଥନୈତିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାରେ ସକ୍ଷମ ହୋଇଥିଲେ ବୋଲି ସେ କହିଥିଲେ । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜି.ଡି.ପି.ର ଅଭିବୃଦ୍ଧି ହାର ୬ ଦଶମିକ୍ ୫ ପ୍ରତିଶତରୁ ୭ ପ୍ରତିଶତକୁ ଆକଳନ କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଚଳିତ ବଜେଟ୍‌ରେ ଭିତ୍ତିଭୂମି ଓ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଇଛି । ନରେନ୍ଦ୍ର ମୋଦୀଙ୍କ ସରକାର ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ଲାଗି ଅନେକ ଗୁଡ଼ିଏ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ଦେବ କହିଛନ୍ତି ।

ତେବେ ସମାଜବାଦୀ ପାର୍ଟିର ବୀରେନ୍ଦ୍ର ସିଂହ ବଜେଟ୍ ଉପରେ ମତ ଦେଇ କହିଛନ୍ତି, ବଜେଟ୍‌ରେ ଉତ୍ତର ପ୍ରଦେଶକୁ ଅଣଦେଖା କରାଯାଇଛି । ଫଳରେ ସଂଘୀୟ ବ୍ୟବସ୍ଥା ଉପରେ ଏହା ଏକ ଆକ୍ରମଣ ବୋଲି ସେ ଅଭିଯୋଗ କରିଛନ୍ତି ।

ବଜେଟ୍ ଆଲୋଚନାରେ ଭାଗ ନେଇ ଟି.ଏମ୍.ସି.ର ଅଭିଷେକ ବାନାର୍ଜୀ ସରକାରଙ୍କୁ ସମାଲୋଚନା କରି ନିଯୁକ୍ତି ଓ ବିମୁଦ୍ରୀକରଣ ପ୍ରସଙ୍ଗ ଉଠାଇଥିବା ବେଳେ କେନ୍ଦ୍ରୀୟ ସଂସ୍ଥା ଗୁଡ଼ିକୁ ବିରୋଧୀ ଦଳ ନେତାଙ୍କ ବିପକ୍ଷରେ ଅପବ୍ୟବହାର କରାଯାଉଛି ବୋଲି କହିଛନ୍ତି । ଏହି ଅବସରରେ ନିଟ୍ ପ୍ରସଙ୍ଗରେ ସେ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି । ନିକଟରେ ଘଟିଥିବା ରେଳ ଦୁର୍ଘଟଣାକୁ ଉପଲକ୍ଷ୍ୟ କରି ସେ କହିଛନ୍ତି, ଚଳିତ ବଜେଟ୍‌ରେ ରେଳବାଇ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନାହିଁ । ଏପରିକି ବଜେଟ୍ ଗରିବ ବିରୋଧୀ ବୋଲି ଶ୍ରୀ ବାନାର୍ଜୀ ଅଭିହିତ କରିଛନ୍ତି ।

ଡି.ଏମ୍.କେ.ର ଦୟାନିଧି ମାରାନ କହିଛନ୍ତି, ବଜେଟ୍‌ରେ ତାମିଲନାଡୁକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ବର୍ତ୍ତମାନ ଦେଶବାସୀ ଦର ବୃଦ୍ଧି ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ରୀ ମାରାନ କହିଛନ୍ତି ।

## ଆର୍‌ଏସ୍-ବଜେଟ୍ ଡିସ୍‌କସନ୍

ରାଜ୍ୟସଭାରେ କେନ୍ଦ୍ର ବଜେଟ୍ ୨୦୨୪-୨୫ ଆଲୋଚନାରେ ଭାଗ ନେଇ କଂଗ୍ରେସ ସଦସ୍ୟ ପି. ଚିଦାମ୍ବରମ୍ ବେକାରୀ ସମସ୍ୟା ଓ

ମୁଦ୍ରାସ୍ଫିତି ପ୍ରସଙ୍ଗ ଉଠାଇଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଦେଶର ସବୁଠୁ ବଡ଼ ସମସ୍ୟା ଭାବେ ବେକାରୀ ଉଭା ହୋଇଥିବା ବେଳେ ଉତ୍ପାଦ ଭିତ୍ତିକ ପ୍ରୋତ୍ସାହନ ଯୋଜନାରେ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି ହୋଇପାରିନାହିଁ । ସେଥିପାଇଁ ସେ ଏହି ଯୋଜନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ମୁଦ୍ରାସ୍ଫିତି ବାସ୍ତବ ଅଙ୍କ ଠାରୁ ବହୁ ଅଧିକ ଥିଲେ ମଧ୍ୟ ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣରେ ତାହା ଉଲ୍ଲେଖ କରିନାହାନ୍ତି । କେନ୍ଦ୍ରୀୟ ବଜେଟ୍‌ରେ ବିହାର ଓ ଆନ୍ଧ୍ରପ୍ରଦେଶ ପାଇଁ ଅତିରିକ୍ତ ପାଣ୍ଠି ଆବଣ୍ଟନ କରାଯାଇଥିବା ବେଳେ କେତେକ ରାଜ୍ୟକୁ ସମ୍ପୂର୍ଣ୍ଣ ଭାବେ ପାତରଅନ୍ତର କରାଯାଇଛି । ସେ ଏମ୍.ଏସ୍.ପି.ରେ ଗ୍ୟାରେଣ୍ଟି ଓ ସର୍ବନିମ୍ନ ମଜୁରୀ ସ୍ଥିର କରିବା ଲାଗି ଦାବି କରିଛନ୍ତି । ଅଗ୍ନିପଥ ଯୋଜନାକୁ ହଟାଇବା ସହ ନିଟ୍ ପରୀକ୍ଷାକୁ ଉଚ୍ଛେଦ କରିବା ଲାଗି ଶ୍ରୀ ଚିଦାମ୍ବରମ୍ ଦାବି କରିଛନ୍ତି ।

ବିଜେପିର ଡକ୍ଟର ରାଧାମୋହନ ଦାସ ଅଗ୍ରୱାଲ୍ ଆଲୋଚନାରେ ଅଂଶଗ୍ରହଣ କରି ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ସଫଳତା ଉପରେ ଆଲୋକପାତ କରିଛନ୍ତି । ଜନଧନ ଯୋଜନା ମାଧ୍ୟମରେ ଅନେକ କୋଟି ଭାରତୀୟଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହଜରେ ମିଳିପାରିଛି ବୋଲି ସେ କହିଛନ୍ତି । ଗ୍ରାମାଞ୍ଚଳର ୧୪ କୋଟି ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ସେ ଆହୁରି କହିଛନ୍ତି, ଗରିବ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ

ଆୟୁଷ୍ମାନ୍ ଭାରତ ଯୋଜନା ବିଶେଷ ସହାୟକ ହୋଇଛି । ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ୮ ପ୍ରତିଶତରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଅନେକ ନିଯୁକ୍ତି ସୃଷ୍ଟି କରାଯାଇ ପାରିଛି ।

ଉପା ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି, ୨୦୧୨-୧୩ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୧୦ ପ୍ରତିଶତ ଥିବା ବେଳେ ଏହା ଏବେ ୫ ପ୍ରତିଶତ ରହିଛି । ମୋଦୀ ସରକାରଙ୍କ ସମୟରେ ଲୋକଙ୍କ ମୁଣ୍ଡ ପିଛା ଆୟ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ଡକ୍ଟର ଅଗ୍ରୱାଲ୍ କହିଛନ୍ତି ।

## ପାର୍ଲ୍ୟାମେଣ୍ଟ-ବଜେଟ୍

କେନ୍ଦ୍ର ବଜେଟ୍‌ରେ ପାତରଅନ୍ତର କରାଯାଇଛି ବୋଲି ବିରୋଧୀ ଦଳଙ୍କ ଅଭିଯୋଗକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଖଣ୍ଡନ କରିଛନ୍ତି । ରାଜ୍ୟସଭାରେ ଆଜି ଶୂନ୍ୟକାଳରେ ବିରୋଧୀ ପକ୍ଷଙ୍କ ତରଫରୁ ଆଗତ ଏ ସଂକ୍ରାନ୍ତ ପ୍ରସଙ୍ଗ ଆଲୋଚନାର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ବଜେଟ୍‌ରେ ପାତରଅନ୍ତର କରାଯାଇଛି ବୋଲି ଅପପ୍ରଚାର କରୁଛନ୍ତି । ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ନାହିଁ ବୋଲି ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ବଜେଟ୍ ଉପସ୍ଥାପନ ବେଳେ ପ୍ରତ୍ୟେକ ରାଜ୍ୟର ନାମ ଘୋଷଣା କରିବା ସମ୍ଭବ ହୋଇନଥାଏ । କିନ୍ତୁ କେନ୍ଦ୍ରୀୟ ବଜେଟ୍‌ରେ

ପ୍ରଦାନ କରାଯାଉଥିବା ଅର୍ଥ ଏବଂ କେନ୍ଦ୍ରୀୟ ଯୋଜନା ବାବଦ ଅର୍ଥ ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ କରାଯାଇଥାଏ । ତେଣୁ ଏଭଳି ସମାଲୋଚନା ତଥ୍ୟଭିତ୍ତିକ ନୁହେଁ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ଏଲ୍‌ଏସ୍‌-କୋଲ

ଦେଶରେ କୋଇଲା ଖଣିର ଘରୋଇକରଣ କରାଯିବାର  କୌଣସି ଯୋଜନା ନାହିଁ ବୋଲି କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି । ଲୋକସଭାରେ ଆଜି ତେଲଙ୍ଗାନାର ସିଙ୍ଗାରେଣି କୋଇଲା ଖଣିର ଘରୋଇକରଣ ନେଇ ଉଠିଥିବା ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏହି ଖଣିର ଘରୋଇକରଣ ନେଇ କୌଣସି ଯୋଜନା ନାହିଁ । ଏହି କୋଇଲା ଖଣିର ୫୧ ପ୍ରତିଶତ ଅଂଶ ରାଜ୍ୟ ସରକାରଙ୍କ ପାଖରେ ଥିବାବେଳେ ୪୯ ପ୍ରତିଶତ କେନ୍ଦ୍ର ସରକାରଙ୍କ ନିକଟରେ ଅଛି । ତେବେ ସିଙ୍ଗାରେଣି କୋଇଲା ଖଣିକୁ ସୁଦୃଢ଼ କରିବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି । କୋଇଲା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଲାଗି ନରେନ୍ଦ୍ର ମୋଦୀଙ୍କ ସରକାର ପ୍ରାଧାନ୍ୟ ଦେଉଛନ୍ତି । କୋଲ ଇଣ୍ଡିଆ ଲିମିଟେଡ୍ ଅଧୀନରେ ଦେଶରେ ୩୨୨ଟି କୋଇଲାଖଣି କାର୍ଯ୍ୟକ୍ଷମ ଥିବାବେଳେ ୫୪ଟି ବାଣିଜ୍ୟିକ ଖଣି କାର୍ଯ୍ୟ କରୁଛି । ଆସନ୍ତା ମାସରେ ୧୫ଟି କୋଇଲା ଖଣି କାର୍ଯ୍ୟକ୍ଷମ ହେବ । ଏହି ଅବସରରେ ସେ କହିଛନ୍ତି, ଦେଶରେ

କୋଇଲାର କୌଣସି ଅଭାବ ନାହିଁ । କୋଇଲା ଆମଦାନୀ ଉପରେ ନିର୍ଭଶୀଳତାକୁ କମାଇବା ସହ କୋଇଲାର ଚାହିଦା ଅନୁଯାୟୀ ଯୋଗାଣ କରିବ ବୋଲି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି ।

## ଅଗ୍ନିବୀର

ବି.ଏସ୍.ଏଫ୍., ସି.ଆଇ.ଏସ୍.ଏଫ୍. ଏବଂ ଆର୍.ପି.ଏଫ୍. ଭଳି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳରେ ଅବସରପ୍ରାପ୍ତ ଅଗ୍ନିବୀରମାନଙ୍କୁ ନିଯୁକ୍ତି ଦେବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି । ବି.ଏସ୍.ଏଫ୍.ର ମହାନିର୍ଦ୍ଦେଶକ ନୀତିନ ଅଗ୍ରଓ୍ୱାଲ କହିଛନ୍ତି, ଅବସରପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଉଥିବା ବେଳେ ସେମାନଙ୍କ ବୟସ ସୀମା କୋହଳ କରାଯିବ । ସି.ଆଇ.ଏସ୍.ଏଫ୍.ର ମହାନିର୍ଦ୍ଦେଶକ ନିନା ସିଂହ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁଯାୟୀ ଏହି ଅର୍ଦ୍ଧସାମରିକ ବାହିନୀରେ  ପୂର୍ବତନ ଅଗ୍ନିବୀରମାନଙ୍କୁ ନିଯୁକ୍ତି ଦିଆଯିବ । କନେଷ୍ଟବଳ ପଦବୀରେ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଉଥିବା ବେଳେ ସେମାନଙ୍କ ବୟସ ଓ ଶାରିରୀକ ଦକ୍ଷତା ପରୀକ୍ଷା ନିୟମରେ କୋହଳ କରାଯିବାର ନିଷ୍ପତ୍ତି ନିଆଯାଇଛି । ସେହିଭଳି ଭାବେ ଆର୍.ପି.ଏଫ୍.ର ମହାନିର୍ଦ୍ଦେଶକ ମନୋଜ ଯାଦବ କହିଛନ୍ତି, ଅବସରପ୍ରାପ୍ତ

ଅଗ୍ନିବୀରମାନଙ୍କୁ ରେଳବାଇ ସୁରକ୍ଷା ବାହିନୀରେ ଭର୍ତ୍ତି କରିବା ଲାଗି ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯାଉଛି ।

## ଆନ୍ଧ୍ରପ୍ରଦେଶ-ସି.ଏମ୍ ସ୍ପିଚ୍

ବର୍ତ୍ତମାନ ଦେଖାଦେଇଥିବା ଆର୍ଥିକ ସଂକଟ ଯୋଗୁଁ ରାଜ୍ୟ ବଜେଟ୍ ଦୁଇ ମାସ ପରେ ବିଧାନସଭାରେ ଉପସ୍ଥାପନ କରାଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି । ବିଧାନସଭାର ମିଳିତ ଅଧିବେଶନରେ ରାଜ୍ୟପାଳ ଦେଇଥିବା ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ରାଜ୍ୟର ବିକାଶ ଲାଗି ଟି.ଡି.ପି., ଜନସେନା ଏବଂ ବିଜେପି ସାମୂହିକ ଭାବେ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ନାଇଡୁ କହିଛନ୍ତି । ୱାଇ.ଏସ୍.ଆର୍. କଂଗ୍ରେସ ସରକାରଙ୍କ ଅମଳରେ ହୋଇଥିବା କୁ-ଶାସନ ଯୋଗୁଁ ସମସ୍ତ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି । ଅମରାବତୀ ରାଜଧାନୀର ବିକାଶ ପାଇଁ କେନ୍ଦ୍ର ସରକାର ୧୫ ହଜାର କୋଟି ଟଙ୍କା ଆବଣ୍ଟନ କରିଥିବାରୁ ଆଗକୁ ସୁ-ଦିନ ଆସୁଛି ବୋଲି ସେ କହିଛନ୍ତି । ଟି.ଡି.ପି. ସରକାର ସମୟରେ ପୋଲାଭରମ୍ ପ୍ରୋଜେକ୍ଟର ୭୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏବେ କେନ୍ଦ୍ର ସରକାରଙ୍କ

ସହଯୋଗରେ ତାହା ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି ଶ୍ରୀ ନାଇଡୁ କହିଛନ୍ତି ।

## କ୍ରିକେଟ୍

ଶ୍ରୀଲଙ୍କାର ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏସିଆ କପ୍ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ୍‌ରେ ଆଜି ମାଲେସିଆକୁ ବାଂଲାଦେଶ ୧୧୪ରନ୍‌ରେ ପରାସ୍ତ କରିଛି । ବାଂଲଦେଶର ମୁର୍ସିଦା ଖାତୁନ୍ ୫୯ ବଲ୍‌ରେ ୮୦ରନ୍ କରିଥିବା ବେଳେ ନିଗାର ସୁଲତାନା ୩୭ ବଲ୍‌ରେ ୬୨ରନ୍ କରିଥିଲେ । ୧୯୨ରନ୍‌ର ଲକ୍ଷ୍ୟ ହାସଲ କରିବାକୁ ଯାଇ ମାଲେସିଆ ମହିଳା କ୍ରିକେଟ୍ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ହରାଇ ମାତ୍ର ୭୭ରନ୍ କରିବାକୁ ସକ୍ଷମ ହୋଇଥିଲେ ।

ଅନ୍ୟ ପକ୍ଷରେ ଦ୍ୱିତୀୟ ମ୍ୟାଚ୍‌ଟି ଗ୍ରୁପ୍-ବିର ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ମଧ୍ୟରେ ଏହି ଅଳ୍ପ ସମୟ ପୂର୍ବରୁ ଆରମ୍ଭ ହୋଇଛି ।

ଇତିମଧ୍ୟରେ ଭାରତ ଓ ପାକିସ୍ତାନ ସେମିଫାଇନାଲ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି ।